# NATIONAL NEWS BULLETIN (ODIA)

## 19 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ବିଂଶତମ ରୋଜଗାର ମେଳାରେ ଆଜି ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ
- 'ପରିବେଶ ଏବଂ ଜଳବାୟୁ ଗତିଶୀଳତାର ଭବିଷ୍ୟତ' ଶୀର୍ଷକରେ ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ୨ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ
- ବିଜିନେସ୍ କ୍ଲାଇମେଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ବ୍ୟବସାୟଗତ ସହଜତା କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ
- ପାକିସ୍ତାନର ଏକ ମସ୍‌ଜିଦ ନିକଟରେ ବିସ୍ଫୋରଣରେ ୨୧ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆହତ

ଏବଂ

- ଜାପାନର ପାଲୋମା ମିଜୁହୋ ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହେବ ବିଂଶତମ ଏସୀୟ କ୍ରୀଡ଼ା

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଂଶତମ ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବେ । ଦେଶର ୪୫ଟି ସ୍ଥାନରେ ଏହି ରୋଜଗାରମେଳାର ଆୟୋଜନ କରାଯାଉଛି । ନବନିଯୁକ୍ତ ପ୍ରାର୍ଥିମାନେ ବିଭିନ୍ନ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ ସମେତ ବିଭିନ୍ନ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି ପାଇବେ । ରୋଜଗାର ମେଳା ହେଉଛି ସରକାରଙ୍କ ଯୁବବର୍ଗଙ୍କ ପାଇଁ କର୍ମ ନିଯୁକ୍ତି ସୁଯୋଗା ସୃଷ୍ଟି କରିବା ଲକ୍ଷ୍ୟର ଏକ ପ୍ରତିଫଳନ । ରୋଜଗାର ମେଳା ଦ୍ୱାରା ପ୍ରାୟ ସମୁଦାୟ ୧୨ ଲକ୍ଷ ୭୫ ହଜାର  ଯୁବକ ବିଭିନ୍ନ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପାଇବେ ।

ଭୁବନେଶ୍ୱର ରେଳଭବନ ଏବଂ କଟକର ରେଭେନ୍ସା କଲେଜଠାରେଏହି ମେଳା ଅନୁଷ୍ଠିତ ହେବ ।

## ପିଏମ୍-ଏନ୍‌ଭାୟର୍ଣ୍ଣମେଣ୍ଟ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ 'ପରିବେଶ ଏବଂ ଜଳବାୟୁ ଗତିଶୀଳତାର ଭବିଷ୍ୟତ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଜାତୀୟ ସବୁଜ ଟ୍ରିବ୍ୟୁନାଲ୍ ଦ୍ୱାରା ଆୟୋଜିତ ଏହି ୨ଦିନିଆ ସମ୍ମିଳନୀରେ ପରିବେଶ ବିଶେଷଜ୍ଞ, ସୁପ୍ରିମକୋର୍ଟ, ହାଇକୋର୍ଟ ଓ ଜିଲ୍ଲା କୋର୍ଟର ବିଚାରପତିମାନେ ଯୋଗଦେବେ । ଏହା ବ୍ୟତୀତ ବିଭିନ୍ନ ମନ୍ତ୍ରଣାଳୟର ସଚିବ, ବରିଷ୍ଠ ସରକାରୀ ଅଧିକାରୀ, ରାଜ୍ୟ ଆଇନସେବା କର୍ତ୍ତୃପକ୍ଷ, ନ୍ୟାୟିକ ଏକାଡେମୀ, ମୂଲ୍ୟାଙ୍କନ କମିଟିର ପ୍ରତିନିଧିମାନେ ମଧ୍ୟ ସମ୍ମିଳନୀରେ ଅଂଶ ଗ୍ରହଣ କରିବେ । ଏହି ସମ୍ମିଳନୀରେ ୧୭ଟି ଦେଶର ବିଚାରପତି ଏବଂ ନ୍ୟାୟିକ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ନ୍ୟାୟିକ ଆଭିମୁଖ୍ୟ, ବୈଜ୍ଞାନିକ ଜ୍ଞାନକୌଶଳ, ପରିବେଶ ଓ ସାଙ୍ଗଠନିକ ଅଭିଜ୍ଞତା ଆଦାନ ପ୍ରଦାନ କରିବା । ଏଥିରେ ନୀତି ପ୍ରଣୟନ, କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ପ୍ରତିବନ୍ଧକର ସମାଧାନର ଉପାୟ ବାହାର କରିବା ଲାଗି ବିସ୍ତୃତ ଆଲୋଚନା କରାଯିବ ।

## ଇଣ୍ଡିଆ ଫାଷ୍ଟ୍ କ୍ଲାଇମେଟ୍ ସର୍ଭେ

ଭାରତର ସ୍ୱିଡିସ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା କରାଯାଇଥିବା ବିଜିନେସ୍ କ୍ଲାଇମେଟ ସର୍ଭେ ୨୦୨୬ରେ ୪୦ରୁ ଅଧିକ ବିଶ୍ୱସ୍ତରୀୟ ବଜାର

ମଧ୍ୟରେ ବ୍ୟବସାୟଗତ ସହଜତା କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ରହିଛି । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପିୟୁଷ ଗୋୟଲ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ବିଶ୍ୱସ୍ତରୀୟ ଅସ୍ଥିରତା ସତ୍ତ୍ୱେ ଭାରତ ବ୍ୟବସାୟିକ ସ୍ଥିରତା, ବିକାଶ ଏବଂ ସହଜତା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁଛି । ଗ୍ଲୋବାଲ୍ ବିଜିନେସ୍ କ୍ଲାଇମେଟ ସର୍ଭେ-୨୦୨୬ରେ ୪୧ଟି ବିଶ୍ୱ ବଜାର ସଂପର୍କରେ ସୂଚନା ଦିଆଯାଇଛି । ଏହି ସର୍ବେକ୍ଷଣ ବିଦେଶରେ ବ୍ୟବସାୟ କରିବା ଲାଗି ସ୍ୱିଡିସ୍ କମ୍ପାନୀଗୁଡ଼ିକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ତଥ୍ୟ ପ୍ରଦାନ କରିଛି । ଏହି ସର୍ବେକ୍ଷଣର ଉଦ୍ଦେଶ୍ୟ ହେଉଛି, ବିଶ୍ୱ ବଜାରରେ ବ୍ୟବସାୟିକ ସହଜତା ଲାଗି ଆର୍ଥିକ କାର୍ଯ୍ୟଦକ୍ଷତା ଦୃଷ୍ଟିକୋଣ ଏବଂ ପରିଚାଳନାଗତ ପରିସ୍ଥିତି ସଂପର୍କରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା । ରିପୋର୍ଟରେ କମ୍ପାନୀଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସଂପର୍କରେ ମଧ୍ୟ ସୂଚନା ଦିଆଯାଇଛି ।

## ଆରବିଆଇ ସଫ୍ଟୱେୟାର ଏକ୍ସପର୍ଟସ୍

ଭାରତର ସଫ୍ଟୱେୟାର ସେବା ରପ୍ତାନୀ ୨୦୨୫-୨୬ ବର୍ଷରେ ୮ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇ ୨୨୧ ଦଶମିକ ୪ ବିଲିୟନ ଡଲାରରେ ପହଞ୍ଚିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ କମ୍ପ୍ୟୁଟର ସଫ୍‌ଟଓୟାର ଏବଂ ଆଇଟି ସକ୍ଷମ ସେବା ରପ୍ତାନୀ ସଂପର୍କିତ ବାର୍ଷିକ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ୭ ହଜାର ୫ଶହ ଅଣସ୍ତରୀଟି ସଫ୍ଟୱେୟାର

ରପ୍ତାନୀ କରି କମ୍ପାନୀ ମଧ୍ୟରୁ ୨ ହଜାର ୩୬୩ଟି କମ୍ପାନୀର ରପ୍ତାନୀ କାରବାରକୁ ନେଇ ଏହି ଆକଳନ କରାଯାଇଛି । ରିପୋର୍ଟ ଅନୁଯାୟୀ, ଆମେରିକା' ଭାରତର ସଫ୍ଟଓୟାର ରପ୍ତାନୀର ପ୍ରମୁଖ କେନ୍ଦ୍ର ରହିଛି । ଆମେରିକାକୁ ୨୦୨୫-୨୬ ବର୍ଷରେ ରପ୍ତାନୀ ହୋଇଥିବା ସଫ୍ଟଓୟାର ସେବାର ଅଂଶ ୫୪ ଦଶମିକ ୧ ପ୍ରତିଶତ ରହିଥିବା ବେଳେ ୟୁରୋପକୁ ଏହି ଅଂଶ ୩୧ ଦଶମିକ ୮ ପ୍ରତିଶତ ରହିଛି । ଗତ ଆର୍ଥିକବର୍ଷରେ ବ୍ରିଟେନ୍‌କୁ ୧୫ ଦଶମିକ ୪ ପ୍ରତିଶତ ସଫ୍ଟଓୟାର ସେବା ପ୍ରଦାନ କରାଯାଇଛି ।

## ପାକ୍-ବ୍ଲାଷ୍ଟ

ପାକିସ୍ତାନର ଖାଇବରପଖତୁଆଁ ଅଞ୍ଚଳର କୋହଟ ଜିଲ୍ଲାର ଏକ ମସଜିଦ ନିକଟରେ ଗତକାଲି ବିସ୍ଫୋରଣ ଘଟି ୨୧ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୫ ଜଣ ପୋଲିସ୍ କର୍ମଚାରୀ ରହିଥିବା ଜଣାପଡ଼ିଛି । ଏହି ବିସ୍ଫୋରଣରେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ୭୩ ଜଣ ପୋଲିସ୍ କର୍ମଚାରୀ ଏବଂ ୩୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ଗତକାଲି ଶୁକ୍ରବାର ପ୍ରାର୍ଥନା ଚାଲିଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ପୋଲିସ୍ ସୂଚନା ଅନୁଯାୟୀ ଅଜଣା ଆତତାୟୀମାନେ ଚେକ୍‌ପୋଷ୍ଟ ଉପରେ ଆକ୍ରମଣ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ଏହି ଘଟଣାରେ ୬

ଜଣ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି । ଇତେହାଦ୍-ଉଲ୍ ମୁଜାହିଦ୍ଦିନ ପାକିସ୍ତାନ ନାମକ ଏକ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ରାଷ୍ଟ୍ରପତି ଆସୀଫ୍ ଅଲ୍ଲୀ ଜର୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଘଟଣାକୁ ନିନ୍ଦା କରିଛନ୍ତି ।

## ପିଏମ୍-ସ୍ୱଚ୍ଛ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ସ୍ୱଚ୍ଛ ଭାରତ ମିଶନ ଜରିଆରେ ଦେଶରେ ସାମାଜିକ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ପରିବର୍ତ୍ତନ' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୪ ମସିହାରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ୍' ସ୍ୱଚ୍ଛତା ବ୍ୟବସ୍ଥାକୁ ଏକ ଅବହେଳିତ ଜନସ୍ୱାସ୍ଥ୍ୟ ସମସ୍ୟାରୁ ଏକ ଦେଶବ୍ୟାପୀ 'ଜନ ଆନ୍ଦୋଳନ'ରେ ପରିଣତ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତା, ସମ୍ମାନ ଏବଂ ଆଚରଣଗତ ପରିବର୍ତ୍ତନକୁ ଏହି ଅଭିଯାନର ମୂଳ ଆଧାର କରିଥିଲେ । ଫଳରେ ୧୨ କୋଟିରୁ ଅଧିକ ପାରିବାରିକ ଶୌଚାଳୟ ନିର୍ମାଣ କରାଯାଇପାରିଲା ।

୨୦୧୯ ସୁଦ୍ଧା ଭାରତୀୟ ଗ୍ରାମଗୁଡ଼ିକୁ 'ବାହ୍ୟ ମଳମୂତ୍ର ତ୍ୟାଗ ମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରିବା ସମ୍ଭବ ହେଲା। ଏହି ପରିବର୍ତ୍ତନ କେବଳ ଶୌଚାଳୟ ନିର୍ମାଣ ମଧ୍ୟରେ ସୀମିତ ନଥିଲା। ୨୦୨୪ ମସିହାର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯେଉଁ ଜିଲ୍ଲାଗୁଡ଼ିକରେ ସ୍ୱଚ୍ଛଭାରତ ଅଭିଯାନ ଅଧୀନରେ ଅଧିକ ସଂଖ୍ୟକ ଶୌଚାଳୟ ନିର୍ମାଣ ହୋଇଛି, ସେଠାରେ ଶିଶୁ ମୃତ୍ୟୁହାର ଏବଂ ବିଶେଷକରି ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଯଥେଷ୍ଟ କମ୍ ରହିଛି। ଏହି ଅଧ୍ୟୟନର ଆକଳନ ଅନୁଯାୟୀ, ସ୍ୱଚ୍ଛଭାରତ ଅଭିଯାନ ଅଧୀନରେ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଯୋଗୁଁ ପ୍ରତିବର୍ଷ ପ୍ରାୟ ୭୦ ହଜାର ଶିଶୁଙ୍କୁ ମୃତ୍ୟୁମୁଖରୁ ବଞ୍ଚାଯାଇ ପାରିଛି ।

ଏହି ଅଭିଯାନରେ 'ସ୍ୱଚ୍ଛତା ସର୍ବେକ୍ଷଣ' ଏକ ଶକ୍ତିଶାଳୀ ଆୟୁଧ ପାଲଟିଥିଲା । ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଲୋକମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଯୋଗୁଁ  ଦେଶର ସହର ଓ ନଗରଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ଏବଂ ସେଗୁଡ଼ିକୁ ମାନ୍ୟତା ଓ ରାଙ୍କିଙ୍ଗ୍ ପ୍ରଦାନ କରାଯାଇଥିଲା।

୨୦୧୪ ଅକ୍ଟୋବର ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ହାତରେ ଝାଡୁ ଧରି ସଫେଇ କାର୍ଯ୍ୟ କରିଥିଲେ। ସେ ନଅ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିବା ସହ ପ୍ରତ୍ୟେକଙ୍କୁ ଏହି ଆନ୍ଦୋଳନରେ ଆଉ ନଅ ଜଣଙ୍କୁ ସାମିଲ କରିବାକୁ ଅନୁରୋଧ କରିଥିଲେ । ଫଳରେ ଏକ ସେବା ଶୃଙ୍ଖଳା ସୃଷ୍ଟି ହୋଇଥିଲା, ଯାହା 'ସ୍ୱଚ୍ଛ ଭାରତ'କୁ ଏକ ସରକାରୀ କାର୍ଯ୍ୟକ୍ରମରୁ ଜନ ଆନ୍ଦୋଳନରେ ପରିଣତ କରିବାରେ ସହାୟକ ହେଲା।

ଏହି ପଦକ୍ଷେପ ସ୍ୱଚ୍ଛତାକୁ ଏକ ମୌଳିକ ଆବଶ୍ୟକତାରେ ପରିଣତ କରିବା ସହ ଶୌଚାଳୟଗୁଡ଼ିକୁ ସ୍ୱାସ୍ଥ୍ୟ, ସମ୍ମାନ ଓ ମାନବ ବିକାଶର ମାଧ୍ୟମ ପାଲଟିଛି ।

# ଗୋୟଲ-କାନାଡା ମିନିଷ୍ଟର

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କାନାଡାର ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରୀ ମନୀନ୍ଦର ସିଦ୍ଧୁଙ୍କ ସହ ଭାରତ-କାନାଡା ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି-ସେପା ସଂପର୍କରେ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଉଭୟପକ୍ଷ ଏହି ସହଭାଗିତା ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦେବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଭାରତ-କାନାଡା ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି ସେବା ଓ ସାମଗ୍ରୀର ବ୍ୟବସାୟ ଏବଂ ପୁଞ୍ଜି ନିବେଶ ଓ

ଅର୍ଥନୈତିକ ସହଯୋଗର ବିଭିନ୍ନ କ୍ଷେତ୍ରରେ ବୃଦ୍ଧି ନିମନ୍ତେ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ଗୋୟଲ ଉଭୟ ଦେଶର ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଚୁକ୍ତି ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହେବ ବୋଲି କହିଛନ୍ତି ।

## ଏସିଆନ୍ ଗେମ୍ସ

ଜାପାନର ଆଇଚି-ନଗୋୟା ସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମରେ ଆଜି ବିଂଶତମ ଏସୀୟ କ୍ରୀଡ଼ା ୨୦୨୬ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭାରତୀୟ ସମୟ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଏହା ଆରମ୍ଭ ହେବ ।

ଉଦ୍‌ଘାଟନୀ ଉତ୍ସବରେ ଅଲିମ୍ପିକ୍ସ ପଦକ ବିଜେତା ମନୁ ଭାକର ଏବଂ ସର୍ଟ୍‌ପୁଟ୍ ଚମ୍ପିୟାନ୍ ତଜିନ୍ଦର ପାଲ୍ ସିଂ ତୁର୍ ଭାରତର ଜାତୀୟ ପତାକା ବହନ କରିବେ ।

ଏସୀୟ କ୍ରୀଡ଼ାର ଏହି ସଂସ୍କରଣ ଆସନ୍ତାମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଭାରତର ୫୦୦ ଜଣ ଖେଳାଳି ୩୭ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ । ଏହି କ୍ରୀଡ଼ାରେ ୪୫ଟି ଦେଶର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରୁଛନ୍ତି । ଏସୀୟ କ୍ରୀଡ଼ାର ଏହି ସଂସ୍କରଣରେ ୪୩ଟି

କ୍ରୀଡ଼ାରେ ୪୬୯ଟି ପଦକ ପାଇଁ ପ୍ରତିଯୋଗିତା ହେବ । ତୃତୀୟ ଥର ପାଇଁ ଜାପାନ ଏହି ବହୁଦେଶୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରୁଛି । ୧୯୫୮ ମସିହାରେ ଟୋକିଓ କ୍ରୀଡ଼ାର ଆୟୋଜନ କରାଯାଇଥିବା ବେଳେ ଦ୍ୱିତୀୟ ଏସୀୟ କ୍ରୀଡ଼ା ହିରୋସୀମାରେ ୧୯୯୪ ମସିହାରେ ଆୟୋଜନ କରାଯାଇଥିଲା ।